# NATIONAL NEWS BULLETIN (ODIA)

## 14 March - 2024

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ କହିଛନ୍ତି, ପି.ଏମ୍. ସ୍ୱନିଧି ଯୋଜନା ବୁଲାବିକାଳିମାନଙ୍କ ପାଇଁ ଜୀବନରେଖା ସାବ୍ୟସ୍ତ ହୋଇଛି ।
- ପାଇକାରୀ ମୂଲ୍ୟସୂଚୀ ଭିତ୍ତିକ ମୁଦ୍ରାସ୍ଫିତିହାର ଫେବୃୟାରୀ ମାସରେ ଶତକଡ଼ା ଶୂନ୍ ଦଶମିକ୍ ୨ ଭାଗ ରହିଛି ।
- ଭୁଟାନ୍ ପ୍ରଧାନମନ୍ତ୍ରୀ ଦାଶୋ ଶେରିଙ୍ଗ୍ ଟବ୍‌ଗେ ଭାରତକୁ ପାଞ୍ଚ ଦିନ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି ।
- କେନ୍ଦ୍ର ସରକାର ଓ ଏସୀୟ ବିକାଶ ବ୍ୟାଙ୍କ୍ ଗୁଜରାଟ ଇଣ୍ଟରନ୍ୟାସନାଲ୍ ଫାଇନାନ୍ସ ଟେକ୍ ସିଟି ଠାରେ ୨୩ ନିୟୁତ ଡଲାର୍ ଋଣ ରାଜିନାମା ସ୍ୱାକ୍ଷର କରିଛନ୍ତି ।

ଏବଂ

- ଭାରତ ୨୦୨୨ ପୁରୁଷ-ମହିଳା ଅସମାନତା ସୂଚୀରେ ୧୪ଟି ସ୍ଥାନ ଉପରକୁ ଉଠିଛି ।

# ପିଏମ୍-ସ୍ୱନିଧି

ପ୍ରଧାନମନ୍ତ୍ରୀ କହିଛନ୍ତି, ପି.ଏମ୍. ସ୍ୱନିଧି ଯୋଜନା ବୁଲାବିକାଳିମାନଙ୍କ ପାଇଁ ଜୀବନରେଖା ସାବ୍ୟସ୍ତ ହୋଇଛି । ଦିଲ୍ଲୀରେ ପି.ଏମ୍. ସ୍ୱନିଧି ହିତାଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, କୋବିଡ୍ ସମୟରେ ବୁଲାବିକାଳିମାନଙ୍କର କ୍ଷମତାକୁ ଲୋକମାନେ ଜାଣିବାକୁ ପାଇଥିଲେ । ସେ କହିଛନ୍ତି, ସ୍ୱନିଧି ମହୋତ୍ସବ ବୁଲାବିକାଳିମାନଙ୍କ ପାଇଁ ଉଦ୍ଦିଷ୍ଟ । ବୁଲାବିକାଳି ଓ ରାସ୍ତାକଡ଼ ଦୋକାନୀମାନଙ୍କର ସମାଜକୁ ଅବଦାନ ପାଇଁ ସେ ଅଭିନନ୍ଦନ ଜଣାଇଛନ୍ତି । ପି.ଏମ୍. ସ୍ୱନିଧି ଯୋଜନାରେ ସେ ଏକ ଲକ୍ଷ ବୁଲାବିକାଳିକାଙ୍କୁ ଋଣ ବଣ୍ଟନ କରିଛନ୍ତି ।

# ପିଏମ୍-କେରଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି କେରଳର ପତନମ୍‌ଥିଟା ଜିଲ୍ଲା ଗସ୍ତ କରିବେ । ସେଠାରେ ସେ ଏନ୍.ଡି.ଏ. ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ । ପ୍ରଧାନମନ୍ତ୍ରୀ ଏକ ସଭାରେ ଉଦ୍‌ବୋଧନ ଦେବେ । ଏଥିପାଇଁ ସେଠାରେ କଡ଼ା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## କଂଗ୍ରେସ-ଯାତ୍ରା

କଂଗ୍ରେସ ନେତା ରାହୁଲ ଗାନ୍ଧି କହିଛନ୍ତି, ଇଣ୍ଡିଆ ମେଣ୍ଟ କୃଷକମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବ ଓ ସେମାନଙ୍କର ସ୍ୱାର୍ଥ ରକ୍ଷା କରିବ । ମହାରାଷ୍ଟ୍ରର ନାଶିକ୍ ଠାରେ ଏକ କୃଷକ ର୍ୟାଲିରେ ଉଦ୍‌ବୋଧନ ଦେଇ ସେ ଋଣ ଛାଡ଼ ଫସଲବୀମା ଯୋଜନାର ପୁନର୍ଗଠନ, ଉପଯୋଗୀ ରପ୍ତାନୀ ଆମଦାନୀ ନୀତି ଓ କୃଷିକୁ ଜି.ଏସ୍.ଟି.ରୁ ମୁକ୍ତ କରିବା ବିଷୟରେ ପ୍ରତିଶ୍ରୁତି ଦେଇଛନ୍ତି । ର୍ୟାଲିରେ ଏନ୍.ସି.ପି. ମୁଖ୍ୟ ଶରଦ ପାଓ୍ୱାର୍ ଓ ଶିବସେନା ସାଂସଦ ସଂଜୟ ରାଉତ ଯୋଗ ଦେଇଥିଲେ । ର୍ୟାଲିରେ ଉଦ୍‌ବୋଧନ ଦେଇ ଶ୍ରୀ ପାଓ୍ୱାର କହିଛନ୍ତି, କେନ୍ଦ୍ର ସରକାର କୃଷି ଓ କୃଷକମାନଙ୍କ ପ୍ରତି ଉଦାସୀନ ଭାବ ପୋଷଣ କରୁଛନ୍ତି ।

## ଡବ୍ଲ୍ୟୁ.ପି.ଆଇ.-ଏନ୍‌ଫ୍ଲେସନ୍

ପାଇକାରୀ ମୂଲ୍ୟସୂଚୀ ଭିତ୍ତିକ ମୁଦ୍ରାସ୍ଫିତିହାର ଫେବୃୟାରୀ ମାସରେ ଶତକଡ଼ା ଶୂନ୍ ଦଶମିକ୍ ୨ ଭାଗ ରହିଛି । ଜାନୁଆରୀ ମାସରେ ତାହା ଶତକଡ଼ା ଶୂନ୍ ଦଶମିକ୍ ୨/୭ ଭାଗ ଥିଲା । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଅସ୍ଥାୟୀ ତଥ୍ୟ ଅନୁସାରେ ଖାଦ୍ୟ ମୁଦ୍ରାସ୍ଫିତି ହାର ଫେବୃୟାରୀ ମାସରେ ଶତକଡ଼ା ୬ ଦଶମିକ୍ ୯/୫ ଭାଗକୁ ବୃଦ୍ଧି ପାଇଛି । ଜାନୁଆରୀ ମାସରେ ତାହା ଶତକଡ଼ା ୬ ଦଶମିକ୍ ୮/୫ ଭାଗ ଥିଲା ।

ପନିପରିବା ମୁଦ୍ରାସ୍ଫିତି ହାର ଶତକଡ଼ା ୧୯ ଦଶମିକ୍ ୭/୮ ଭାଗରେ ପହଞ୍ଚିଛି । ଜାନୁଆରୀ ମାସରେ ତାହା ଶତକଡ଼ା ୧୯ ଦଶମିକ୍ ୭/୧ ଭାଗ ଥିଲା । ଡାଲି ଜାତୀୟ ଶସ୍ୟର ପାଇକାରୀ ମୂଲ୍ୟସୂଚୀ ଭିତ୍ତିକ ମୁଦ୍ରାସ୍ଫିତି ହାର ଫେବୃୟାରୀ ମାସରେ ଶତକଡ଼ା ୧୮ ଦଶମିକ୍ ୪/୮ ଭାଗ ରହିଛି । ଜାନୁଆରୀ ମାସରେ ତାହା ଶତକଡ଼ା ୧୬ ଦଶମିକ୍ ଶୂନ୍ ୬ ଭାଗ ଥିଲା ।

## ଭୁଟାନ୍ ପିଏମ୍-ଇଣ୍ଡିଆ

ଭୁଟାନ୍ ପ୍ରଧାନମନ୍ତ୍ରୀ ଦାଶୋ ଶେରିଙ୍ଗ୍ ଟବ୍‌ଗେ ଭାରତକୁ ପାଞ୍ଚ ଦିନ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଗତ ଜାନୁଆରୀ ମାସରେ କାର୍ଯ୍ୟଭାର ସମ୍ଭାଳିବା ପରେ ଏହା ତାଙ୍କର ପ୍ରଥମ ବିଦେଶ ଗସ୍ତ । କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ କୁମାର ଚୁବେ ତାଙ୍କୁ ବିମାନ ବନ୍ଦରରୁ ପାଛୋଟି ନେଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟ କହିଛି, ଭୁଟାନ୍ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବେ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥାବାର୍ତ୍ତା କରିବେ । ଭୁଟାନ୍ ପ୍ରଧାନମନ୍ତ୍ରୀ ମୁମ୍ବାଇ ଗସ୍ତ କରିବେ । ତାଙ୍କ ସହ ଭୁଟାନ୍ ବୈଦେଶିକ ବ୍ୟାପାର ଓ ବୈଦେଶିକ ବାଣିଜ୍ୟ, ଶକ୍ତି ଓ ପ୍ରାକୃତିକ ସମ୍ବଳ ଓ ଶିଳ୍ପ, ବାଣିଜ୍ୟ ଏବଂ ନିଯୁକ୍ତି ମନ୍ତ୍ରୀ ଓ ସରକାରଙ୍କର ବରିଷ୍ଠ ଅଫିସର୍‌ମାନେ ଭାରତ ଆସିଛନ୍ତି ।

ମନ୍ତ୍ରଣାଳୟ କହିଛି, ଭାରତ ଓ ଭୁଟାନ୍ ମଧ୍ୟରେ ବନ୍ଧୁତା ଓ ସହଯୋଗ ପାରସ୍ପରିକ ବିଶ୍ୱାସ, ସଦ୍‌ଭାବନା ଓ ବୁଝାମଣା ଉପରେ ପର୍ଯ୍ୟବେସିତ । ଭୁଟାନ୍ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଦୁଇ ଦେଶ ମଧ୍ୟରେ ଭାଗିଦାରୀକୁ ସମୀକ୍ଷା କରିବାକୁ ସୁଯୋଗ ଦେବ । ତାଛଡ଼ା ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଆଲୋଚନା କରାଯିବ ।

## ଗଡ଼କରୀ-ରୋଡ୍

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ ରାଜସ୍ଥାନରେ ସଡ଼କ ପ୍ରଶସ୍ତିକରଣ ପାଇଁ ୯୭୨ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ସେ କହିଛନ୍ତି, ୩୧ଟି ବଡ଼ ବଡ଼ ରୋଡ୍‌ର ପ୍ରଶସ୍ତିକରଣ ପାଇଁ ସେହି ଅର୍ଥ ଖର୍ଚ୍ଚ କରାଯିବ । ୭ଟି ରୋଡ୍ ଓଭରବ୍ରିଜ୍ / ରୋଡ୍ ଅଣ୍ଡର ବ୍ରିଜ୍ ଓ ଫ୍ଲାଏ ଓଭର ପାଇଁ ୩୮୪ କୋଟି ୫୬ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । କେନ୍ଦ୍ରୀୟ ସଡ଼କ ଓ ମୌଳିକଢାଞ୍ଚା ପାଣ୍ଠି ସେତୁବନ୍ଧନ ଯୋଜନାରେ ସେହି ଅର୍ଥ ଦିଆଯାଇଛି ।

## ଝାଡ଼ଖଣ୍ଡ-ରାଜ୍ୟସଭା

ଝାଡ଼ଖଣ୍ଡର ଦୁଇ ଜଣ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ସେମାନେ ହେଲେ ବିଜେପିର ପ୍ରଦୀପ ବର୍ମା ଓ ମହାମେଣ୍ଟର ସରଫରାଜ ଅହମ୍ମଦ । ଝାଡ଼ଖଣ୍ଡ ବିଧାନସଭା ସଚିବ ସୟଦ ଜାବେଦ୍ ହାଇଦର୍ ଆଜି ଫଳାଫଳର ଘୋଷଣା କରିଛନ୍ତି । ଗତ ୧୧ ତାରିଖରେ ସେମାନେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ଓ ଆଜି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ଥିଲା । ଆଉ କୌଣସି ପ୍ରାର୍ଥୀ ନଥିବାରୁ ସେମାନେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି ।

## ଗଭ୍-ଏଡିବି-ଏଗ୍ରିମେଣ୍ଟ

କେନ୍ଦ୍ର ସରକାର ଓ ଏସୀୟ ବିକାଶ ବ୍ୟାଙ୍କ୍ ଗୁଜରାତ ଇଣ୍ଟରନ୍ୟାସନାଲ୍ ଫାଇନାନ୍ସ ଟେକ୍ ସିଟି ଠାରେ ୨୩ ନିୟୁତ ଡଲାର୍ ଋଣ ରାଜିନାମା ସ୍ୱାକ୍ଷର କରିଛନ୍ତି । ଏହି ରାଜିନାମା ଭାରତରେ ଆର୍ଥିକ ବୈଷୟିକଜ୍ଞାନ ଇକୋ ସିଷ୍ଟମ୍‌କୁ ସୁଦୃଢ଼ କରିବ । ଅର୍ଥ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଏହା ଏକ ଆନ୍ତର୍ଜାତିକ ଆର୍ଥିକ ବୈଷୟିକ ଜ୍ଞାନ ପ୍ରତିଷ୍ଠାନର ସ୍ଥାପନ କରିବ । ସେହି ପ୍ରତିଷ୍ଠାନ ଆର୍ଥିକ ବୈଷୟିକଜ୍ଞାନ ଶିକ୍ଷାକୁ ସୁଦୃଢ଼ କରିବା ସହ ଷ୍ଟାର୍ଟଅପ୍ ସଫଳତା ହାର ବୃଦ୍ଧି କରିବ ଓ ଆର୍ଥିକ ବୈଷୟିକଜ୍ଞାନ ଗବେଷଣା ଓ ନବୀକରଣରକୁ ପ୍ରୋତ୍ସାହିତ

କରିବ । ଅର୍ଥ ମନ୍ତ୍ରଣାଳୟ କହିଛି, ଏହା ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଶ୍ରମ ଶକ୍ତିକୁ ପ୍ରତିଯୋଗୀତାଶୀଳ କରାଇବ ଓ ନୂଆ ତଥା ସବୁଜ ବୈଷୟିକଜ୍ଞାନ କ୍ଷେତ୍ରର ବିକାଶ କରିବ । ଏଥିରେ ଅର୍ଥମନ୍ତ୍ରଣାଳୟ ଯୁଗ୍ମ ସଚିବ ଜୁହି ମୁଖାର୍ଜୀ ଓ ଏ.ଡି.ବି. ଇଣ୍ଡିଆ ରେସିଡେଣ୍ଟ ମିଶନ୍ ଅଫିସର୍ - ଇନ୍‌ଚାର୍ଜ ରାଜେଶ ବାସୁଦେବନ୍ ସ୍ୱାକ୍ଷର କରିଛନ୍ତି । ଋଣ ରାଜିନାମା ସ୍ୱାକ୍ଷର ପରେ ଶ୍ରୀମତୀ ମୁଖାର୍ଜୀ କହିଛନ୍ତି, ବଜାର ଭିତ୍ତିକ ଆର୍ଥିକ ବୈଷୟକଜ୍ଞାନ ଦକ୍ଷତା କାର୍ଯ୍ୟକ୍ରମ, ବେସରକାରୀ କ୍ଷେତ୍ର ପୁଞ୍ଜିନିବେଶ ପାଇଁ ବାତାବରଣ ସୃଷ୍ଟି ଏବଂ ଶିଳ୍ପ ଓ ଦକ୍ଷତା ବିକାଶ ପ୍ରତିଷ୍ଠାନ ଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି ଭଳି ବିଷୟ ଉପରେ ଏହା ଆଲୋକପାତ କରିବ ।

## ଏନ୍.ଏଚ୍.ଏ.ଆଇ.-ଦ୍ୱାରକ ଏକ୍ସପ୍ରେସ୍‌ୱେ

ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦ୍ୱାରକା ଏକ୍ସପ୍ରେସ୍‌ୱେରେ ମୋଟର ବିହୀନ ଯାନ, ଦୁଇ ଚକିଆ ଯାନ ଓ ତିନି ଚକିଆ ଯାନ ଗୁଡ଼ିକର ଚଳାଚଳକୁ ନିଷେଧ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀ ଓ ହରିଆନା ମଧ୍ୟରେ ଦ୍ୱାରକା ଏକ୍ସପ୍ରେସ୍‌ୱେକୁ ଉଦ୍‌ଘାଟନ କରିଥିଲେ । ପରିବହନ ଓ ରାଜପଥ ମନ୍ତ୍ରଣାଳୟ କହିଛି, ସେହି ଏକ୍ସପ୍ରେସ୍‌ୱେରେ ଦ୍ରୁତ ବେଗରେ ଯାତ୍ରା କରୁଥିବା ଗାଡ଼ି ଗୁଡ଼ିକ ଚଳାଚଳ କରିବାକୁ ଥିବାରୁ ଏଭଳି

ନିଷେଧ ଲାଗୁ କରାଯାଇଛି । ମନ୍ତ୍ରଣାଳୟ କହିଛି, ଏକ୍ସପ୍ରେସ୍‌ୱେର ଦୁଇ କଡ଼ରେ ଥିବା ସଡ଼କରେ ସେହି ଗାଡ଼ିଗୁଡ଼ିକ ଯାଇପାରିବ ।

ଏନ୍.ଏଚ୍.ଏ.ଆଇ. ଯାନବାହନ ଚଳାଚଳ ଓ ଲୋକମାନଙ୍କ ସୁରକ୍ଷା ପାଇଁ କିଛି ଅତିରିକ୍ତ ପଦକ୍ଷେପ ନେଇଛନ୍ତି । ବଡ଼ବଡ଼ ଜଙ୍ଗ୍‌ସନ୍ ଓ ପ୍ରବେଶ ଏବଂ ପ୍ରସ୍ଥାନ ପଏଣ୍ଟ ଗୁଡ଼ିକରେ ମାର୍ଶାଲ୍ ମାନଙ୍କୁ ମୁତୟନ କରାଯାଇଛି । ସେମାନେ ଲୋକମାନଙ୍କୁ ଆବଶ୍ୟକ ସୂଚନା ଦେବେ । ରାଜପଥ କର୍ତ୍ତୃପକ୍ଷ ଦ୍ୱାରା ଅତିରିକ୍ତ ସଡ଼କ ସଂକେତ ଲଗା ଯାଇଛି । ମନ୍ତ୍ରଣାଳୟ କହିଛି, ଯାନବାହନ ଉପରେ ନଜର ରଖିବାକୁ ସମଗ୍ର ଏକ୍ସପ୍ରେସ୍‌ୱେରେ ସି.ସି. ଟିଭି କ୍ୟାମେରା ଲଗାଯାଇଛି । ଡେଟିକେଟେଡ୍ ଏକ୍ସପ୍ରେସ୍‌ୱେ ପହରାଯାନ ଓ ଆମ୍ବୁଲାନ୍ସ ଗୁଡ଼ିକୁ ମଧ୍ୟ ରଖାଯାଇଛି । ଗାଡ଼ି ଚାଳକମାନଙ୍କୁ ସାବଧାନତାର ସହ ଗାଡ଼ି ଚଳାଇବାକୁ ଏନ୍.ଏଚ୍.ଏ.ଆଇ. ଅନୁରୋଧ କରିଛନ୍ତି । ତାଛଡ଼ା ଆବଶ୍ୟକ ବେଗରେ ଗାଡ଼ି ଚଳାଇବା ଓ ଶୃଙ୍ଖଳା ସହ ଗାଡ଼ି ଚଳାଇବାକୁ କୁହାଯାଇଛି ।

## ଏଫ୍.ଏସ୍.ଏସ୍.ଏ.ଆଇ.-ସାର୍ଟିଫିକେଟ୍-ଜେଲ୍

ଦେଶର ୧୦୦ଟି ଜେଲ୍ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ – **FSSAI** ଦ୍ୱାରା **Eat Right Campus** ସାର୍ଟିଫିକେଟ୍ ଲାଭ କରିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ କହିଛି, ଉତ୍ତରପ୍ରଦେଶରୁ

ସର୍ବାଧିକ ଜେଲ୍ ଏହି ସାର୍ଟିଫିକେଟ୍ ପାଇଥିବା ବେଳେ ତାହା ପରକୁ ପଞ୍ଜାବ, ବିହାର ଓ ମଧ୍ୟପ୍ରଦେଶର ସ୍ଥାନ ରହିଛି । ମନ୍ତ୍ରଣାଳୟ କହିଛି, ଦିଲ୍ଲୀର ତିହାଡ଼ ଜେଲ୍, ବିହାରର ଗୟା ସେଣ୍ଟ୍ରାଲ୍ ଜେଲ୍, ପଞ୍ଜାବର ମଡର୍ଣ୍ଣ ସେଣ୍ଟ୍ରାଲ୍ ଜେଲ୍, ମଧ୍ୟପ୍ରଦେଶର ରେୱା ସେଣ୍ଟ୍ରାଲ୍ ଜେଲ୍ ସମେତ ବହୁ ବଡ଼ ବଡ଼ ଜେଲ୍ ଏଥିରେ ଅଂଶଗ୍ରହଣ କରିଥିଲେ । ଜେଲ୍ ଗୁଡ଼ିକୁ **Eat Right Campus** ସାର୍ଟିଫିକେଟ୍ ପ୍ରଦାନ କରି **FSSAI** ସମସ୍ତ ଜେଲ୍ ଗୁଡ଼ିକରେ ପୁଷ୍ଟିକର ଓ ସୁରକ୍ଷିତ ଖାଦ୍ୟ ଯୋଗାଣକୁ ନିଶ୍ଚିତ କରୁଛି ।

## ଇଣ୍ଡିଆ ଜେଣ୍ଡର୍ ଇନ୍‌ଇକ୍ୱାଲିଟି ର୍‍ୟାଙ୍କ୍

ଭାରତ ୨୦୨୨ ପୁରୁଷ-ମହିଳା ଅସମାନତା ସୂଚୀରେ ୧୪ଟି ସ୍ଥାନ ଉପରକୁ ଉଠିଛି । **UNDP** ଦ୍ୱାରା ପ୍ରକାଶିତ ମାନବ ବିକାଶ ରିପୋର୍ଟ ୨୦୨୩-୨୪ ଅନୁସାରେ ୧୯୩ଟି ଦେଶ ମଧ୍ୟରେ ଭାରତ ୧୦୮ତମ ସ୍ଥାନରେ ରହିଛି । ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ କହିଛି, ଭାରତ ୧୪ଟି ସ୍ଥାନ ଉପରକୁ ଉଠିଛି । ୨୦୨୧ରେ ଭାରତ ୧୯୧ଟି ଦେଶ ମଧ୍ୟରେ ୧୨୨ତମ ସ୍ଥାନରେ ଥିଲା । ମନ୍ତ୍ରଣାଳୟ କହିଛି, ଗତ ୧୦ ବର୍ଷ ତୁଳନାରେ ଭାରତର ସ୍ଥାନରେ ଉନ୍ନତି ଘଟିଛି । ଏଥିରେ ଦେଶରେ ପୁରୁଷ-ମହିଳା ସମାନତାରେ ଉନ୍ନତି ଘଟିଥିବାର ସୂଚନା ମିଳୁଛି । ୨୦୧୪ରେ ଭାରତର ସ୍ଥାନ ୧୨୭ ଥିଲା । ମନ୍ତ୍ରଣାଳୟ କହିଛି,

ମହିଳାମାନଙ୍କ ସଶକ୍ତିକରଣ ପାଇଁ ସରକାରଙ୍କ ଯୋଜନା ଯୋଗୁଁ ଏହା ହୋଇପାରିଛି ।

## ପ୍ରଧାନ-ସ୍କିଲ୍ ଟ୍ରେନିଙ୍ଗ୍

ଭାରତର ଦକ୍ଷତା ଇକୋ ସିଷ୍ଟମ୍‌ରେ ବିକାଶ ପାଇଁ ଦକ୍ଷତା ବିକାଶ ଓ ଉଦ୍ୟୋଗପତି ପ୍ରତିଭା ବିକାଶ ମନ୍ତ୍ରଣାଳୟ ଆଜି ନୂଆଦିଲ୍ଲୀରେ ଅନେକ ପଦକ୍ଷେପ ବିଷୟରେ ଘୋଷଣା କରିଛି । ସେଗୁଡ଼ିକ ମଧ୍ୟରେ ବିଭିନ୍ନ ଅନୁଷ୍ଠାନ ସହ ୧୯ଟି ବୁଝାମଣା ସ୍ମାରକପତ୍ରର ଆଦାନପ୍ରଦାନ ସ୍ଥାନ ପାଇଛି । ଏହି ଅବସରରେ ଉଦ୍‌ବୋଧନ ଦେଇ ଦକ୍ଷତା ବିକାଶ ଓ ଉଦ୍ୟୋଗପତି ପ୍ରତିଭା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରିବର୍ତ୍ତିତ ବିଶ୍ୱରେ ଦକ୍ଷତା ବିକାଶର ଭୂମିକାକୁ ଉଲ୍ଲେଖ କରିଛନ୍ତି । ଭାରତର ବିକାଶରେ ଡିଜିଟାଲ୍ ମୌଳିକ ଢାଞ୍ଚାର ଭୂମିକା ବିଷୟରେ ସେ ଗୁରୁତ୍ୱାରୋପ କରିଛନ୍ତି ।